# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 December - 2024

*********************************

## ମୁଖ୍ୟ ସମ୍ବାଦ

- 'ସମ୍ବିଧାନ ହେଉଛି ଦେଶର ମାର୍ଗଦର୍ଶକ' ଆକାଶବାଣୀର ମନ୍ କୀ ବାତ୍‌ରେ କହିଲେ, ପ୍ରଧାନମନ୍ତ୍ରୀ

— କଳାହାଣ୍ଡି ଜିଲ୍ଲା ଗୋଲମୁଣ୍ଡା ବ୍ଲକ୍‌ର ଚାଷୀଙ୍କୁ କଲେ ପ୍ରଶଂସା

- ନୟାଗଡ଼ ଜିଲ୍ଲାରେ ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- କୋରାପୁଟ ଜିଲ୍ଲା ଗୁପ୍ତେଶ୍ୱର ସୁକୁନାଳରେ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ; ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା
- ଧନୁଯାତ୍ରାର ଆୟୋଜନ ପାଇଁ ପ୍ରୋତ୍ସାହନ ରାଶିକୁ  ୧ କୋଟି ଟଙ୍କା ଯାଏଁ ବୃଦ୍ଧି କଲେ ସରକାର

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ଆଜି ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଖେଳାଯିବ ଦୁଇଟି ମ୍ୟାଚ୍

# ମନ୍ କୀ ବାତ୍

ସମ୍ବିଧାନ ହେଉଛି ଦେଶର ମାର୍ଗଦର୍ଶକ। ଆସନ୍ତା ଜାନୁଆରୀ ୨୬ ତାରିଖରେ ଭାରତୀୟ ସମ୍ବିଧାନ ୭୫ ବର୍ଷ ପୂରଣ କରିବାକୁ ଯାଉଛି। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସମ୍ବିଧାନର ପରମ୍ପରା ସହ ସାଧାରଣ ନାଗରିକଙ୍କୁ ସମ୍ପୃକ୍ତ କରିବା ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ **constitution75.com**ର ପ୍ରଚଳନ କରାଯାଇଛି । ଏହି ୱେବ୍‌ସାଇଟ୍ ମାଧ୍ୟମରେ ସମ୍ବିଧାନକୁ ପଢ଼ିବା ସହିତ ନିଜର ଭିଡ଼ିଓ ରେକର୍ଡିଂ କରି ଅପ୍‌ଲୋଡ କରାଯାଇପାରିବ ।

ପ୍ରଧାନମନ୍ତ୍ରୀ ପ୍ରୟାଗରାଜରେ ଆସନ୍ତା ୧୩ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ମହାକୁମ୍ଭ ମେଳା ବିଷୟରେ ଆଲୋଚନା କରି କହିଛନ୍ତି, ମହାକୁମ୍ଭ କେବଳ ଏକ ବୃହତ୍ ସମାଗମ ନୁହେଁ ବରଂ ଏହାର ବିବିଧତା ସର୍ବଜନବିଦିତ । ପ୍ରଥମଥର ପାଇଁ ଏହି ମେଳାରେ କୃତ୍ରିମ ବୁଦ୍ଧିମତା ଚାର୍ଟବଟ୍‌ର ବ୍ୟବହାର କରାଯିବ ।

ଭାରତୀୟ ଆନିମେସନ ଚଳଚ୍ଚିତ୍ର, ନିୟମିତ ଚଳଚ୍ଚିତ୍ର ଏବଂ ଟିଭି ଧାରାବାହିକର ଲୋକପ୍ରିୟତା ଦେଶରେ ସୃଜନଶୀଳ ଉଦ୍ୟମରେ ରହିଥିବା ସମ୍ଭାବନାକୁ ସୂଚିତ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆନିମେସନ ସିରିଜଗୁଡ଼ିକ ପିଲାଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଉଛି। ଚଳଚ୍ଚିତ୍ର ଶିଳ୍ପ ଦେଶର ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ବିଶେଷ ଫଳପ୍ରଦ ହୋଇଛି। 'ଏକ

ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ଚଳଚ୍ଚିତ୍ର ଜଗତ ସୁଦୃଢ଼ କରିପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ଆସନ୍ତା ବର୍ଷ ଭାରତରେ ପ୍ରଥମଥର ପାଇଁ ବିଶ୍ୱ ଅଡିଓ ଭିଜୁଆଲ ମନୋରଞ୍ଜନ ଶିଖର ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱାସ୍ଥ୍ୟ କ୍ଷେତ୍ର ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ୨ଟି ବଡ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୨୦୧୫ରୁ ୨୦୨୩ ମଧ୍ୟରେ ଭାରତରେ ମ୍ୟାଲେରିଆ ରୋଗୀ ଏବଂ ତତ୍‌ଜନିତ ମୃତ୍ୟୁସଂଖ୍ୟା ୮୦ ପ୍ରତିଶତ ହ୍ରାସ ପାଇଛି ।

ଏହା ଏକ ଉଲ୍ଲେଖନୀୟ ସଫଳତା। ଅନ୍ୟଏକ ଉପଲବ୍ଧି ହେଉଛି ଭାରତରେ ଠିକ୍ ସମୟରେ କର୍କଟ ଚିକିତ୍ସା ଆରମ୍ଭ ହେବାର ସମ୍ଭାବନା ବୃଦ୍ଧି ପାଇଛି । ଏଥିରେ ଆୟୁଷ୍ମାନ ଭାରତ ଯୋଜନା ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ୯୦ ପ୍ରତିଶତ କର୍କଟ ରୋଗୀ ଏହି ଯୋଜନା ମାଧ୍ୟମରେ ସଠିକ୍ ସମୟରେ ଚିକିତ୍ସା ଉପଲବ୍ଧ କରିପାରୁଛନ୍ତି । ଫଳରେ କର୍କଟ ଚିକିତ୍ସାରେ ଆର୍ଥିକ ସମସ୍ୟା ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଛି ।

## - V/O -

ପ୍ରଧାନମନ୍ତ୍ରୀ କଳାହାଣ୍ଡି ଜିଲ୍ଲାର ଗୋଲମୁଣ୍ଡା ବ୍ଲକ୍‌ର ଚାଷୀମାନଙ୍କର ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଏହି ଚାଷୀମାନେ କମ୍ ଜଳ ବ୍ୟବହାର କରି ସଫଳତାର ସହ ଚାଷ କରିବା ସହ ପରିବା ଉତ୍ପାଦନ କ୍ଷେତ୍ରରେ ବିପ୍ଳବ ଆଣିଛନ୍ତି। ଗୋଲମୁଣ୍ଡାର ୧୦ଜଣ କୃଷକଙ୍କ ଏକ ଗୋଷ୍ଠୀ କୃଷକ ଉତ୍ପାଦକ

ସଂଘ ନାମରେ ଏକ ସଂଗଠନ ପ୍ରତିଷ୍ଠା କରି ପରିବା ଚାଷରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଆରମ୍ଭ କରିଥିଲେ । ଏହି ଉତ୍ପାଦକ ସଂଘ ଆଜି ବହୁକୋଟି ଟଙ୍କାର ବ୍ୟବସାୟରେ ପରିଣତ ହୋଇଛି । ୪୫ଜଣ ମହିଳା କୃଷକଙ୍କ ସମେତ ୨୦୦ରୁ ଅଧିକ କୃଷକ ଏହି ସଂଘ ସହ ଜଡିତ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆସନ୍ତା ବର୍ଷ ଭାରତ ସଫଳତାର ନୂତନ ଶିଖରକୁ ସ୍ପର୍ଶ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗୋଲମୁଣ୍ଡାର ଚାଷୀଙ୍କ ପ୍ରଶଂସା କରିବା ପରେ କୃଷକ ଉତ୍ପାଦକ ସଂଘର ଚାଷୀ କୃଷ୍ଣଚନ୍ଦ୍ର ନାଗ ଆକାଶବାଣୀକୁ କହନ୍ତି....

# - V/O –

## ମୁଖ୍ୟମନ୍ତ୍ରୀ– ଫସଲ କ୍ଷୟକ୍ଷତି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୟାଗଡ଼ ଜିଲ୍ଲା ରଣପୁର ଗସ୍ତ କରି ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ କାଣ୍ଡପଡା ଓ ମଝିଆଖଣ୍ଡ ପଞ୍ଚାୟତର ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବାଚସ୍ପତି ସୁରମା ପାଢ଼ୀ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ରାଜ୍ୟ ସରକାର ଫସଲ କ୍ଷୟକ୍ଷତିର ସଠିକ ଆକଳନ ପରେ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଘୋଷଣା କରିଛନ୍ତି।

## ମୁଖ୍ୟମନ୍ତ୍ରୀ– ଫସଲ କ୍ଷୟକ୍ଷତି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୟାଗଡ଼ ଜିଲ୍ଲା ରଣପୁର ଗସ୍ତ କରି ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ କାଣ୍ଡପଡା ଓ ମଝିଆଖଣ୍ଡ ପଞ୍ଚାୟତର ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବାଚସ୍ପତି ସୁରମା ପାଢ଼ୀ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ରାଜ୍ୟ ସରକାର ଫସଲ କ୍ଷୟକ୍ଷତିର ସଠିକ ଆକଳନ ପରେ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଘୋଷଣା କରିଛନ୍ତି।

କଟକ ଜିଲ୍ଲା ନିଆଳି ଅନ୍ତର୍ଗତ ଜହ୍ଲାରପୁର ପଞ୍ଚାୟତର ଷୋଳମୁଣ୍ଡାଠାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଫସଲ କ୍ଷୟକ୍ଷତି ନେଇ ସମୀକ୍ଷା କରିବା ସହ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ସ୍ଥାନୀୟ କୃଷି କାର୍ଯ୍ୟାଳୟଠାରେ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ କ୍ଷୟକ୍ଷତିର ସ୍ଥିତି ନେଇ ଆଲୋଚନା କରିଥିବା ଜଣାପଡିଛି।

## କ୍ଷୟକ୍ଷତି ଅନୁଧ୍ୟାନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି **ଭଦ୍ରକ** ଜିଲ୍ଲା ଗସ୍ତରେ ଯାଇ ହୋଇଥିବା ଫସଲର କ୍ଷୟକ୍ଷତି ନେଇ ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହିତ ଆଲୋଚନା କରି ସେ କହିଛନ୍ତି, ରାଜ୍ୟ ସରକାର କ୍ଷତିପୂରଣ ନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି। ପରେ ଉପମୁଖ୍ୟମନ୍ତ୍ରୀ ବନ୍ତ ବ୍ଲକ୍‌ର କେତେକ ଅଞ୍ଚଳକୁ ଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଆଲୋଚନା କରିବା ପରେ ଜିଲ୍ଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ୭ଟି ବ୍ଲକ୍‌ରେ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଘଟଣା

**କୋରାପୁଟ** ଜିଲ୍ଲା ଗୁପ୍ତେଶ୍ୱର ସୁକୁନାଳ ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି । ଏହାସହ ଗୁରୁତର ଆହତଙ୍କ ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ, ଡକରୀଘାଟି ନିକଟରେ ଯାତ୍ରୀବାହୀ ବସ୍ ଓଲଟି ଯିବା ଫଳରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହେବା ସହ ୩୫ ଜଣ ଆହତ ହୋଇଥିଲେ ।  ସୂଚନା ପାଇ ବିଏସ୍ଏଫ୍ ଯବାନ୍ ଏବଂ ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରିଥିଲେ ।

## ପିକ୍‌ନିକ୍ ସ୍ପଟ୍-ସ୍ୱତନ୍ତ୍ର ବ୍ୟବସ୍ଥା

ରାଜ୍ୟରେ ଥିବା ସମସ୍ତ ପିକ୍‌ନିକ୍ ସ୍ପଟ୍ ଏବଂ ପର୍ଯ୍ୟଟନସ୍ଥଳିଗୁଡ଼ିକରେ ଅଘଟଣକୁ ରୋକିବା ପାଇଁ ପୁଲିସ୍ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଏ ନେଇ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ରାଜ୍ୟର ସମସ୍ତ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି । ଏହା ସହିତ ପିକ୍‌ନିକ୍ ସ୍ପଟ୍‌ରେ ପୁଲିସ୍ ଫୋର୍ସ୍ ମୁତୟନ ପାଇଁ ଡିଜିପି ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜାନୁୟାରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ପିକ୍‌ନିକ୍ ସ୍ପଟ୍ ଏବଂ ପର୍ଯ୍ୟଟନସ୍ଥଳି ଗୁଡ଼ିକରେ ନଜର ରଖିବା ଲାଗି ଡିଜିପି କହିଛନ୍ତି । ନୂଆବର୍ଷ ଉତ୍ସବ ପାଳନ କରିବା ଲାଗି ବିଭିନ୍ନ ସ୍ଥାନରେ ଭୋଜିର ଆୟୋଜନ ଚାଲିଛି । ଏହି ସମୟରେ ବିଭିନ୍ନ ପ୍ରକାରର ଅପ୍ରିତିକର ପରିସ୍ଥିତିକୁ ରୋକିବା ପାଇଁ  ପୁଲିସ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଡିଜିପି ସୂଚନା ଦେଇଛନ୍ତି ।

## ଧନୁଯାତ୍ରା

ଧନୁଯାତ୍ରାର ଆୟୋଜନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ପ୍ରୋତ୍ସାହନ ରାଶିକୁ ୧୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସୂରଜ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପର୍ଯ୍ୟଟନବିଭାଗ ପକ୍ଷରୁ ମଧ୍ୟ ଯାତ୍ରାର ଆୟୋଜନ ପାଇଁ ଅତିରିକ୍ତ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଧନୁଯାତ୍ରାରେ ଭାଗ ନେଉଥିବା କଳାକାରମାନଙ୍କୁ ସରକାରଙ୍କ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନରାଶି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଚଳିତବର୍ଷ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ପକ୍ଷରୁ ଧନୁଯାତ୍ରାର ପ୍ରାମାଣିକ ବୃତ୍ତଚିତ୍ର ମଧ୍ୟ ପ୍ରସ୍ତୁତ କରାଯିବ। ଧନୁଯାତ୍ରାକୁ ୟୁନେସ୍କୋ ମାନ୍ୟତା ପାଇଁ ଏକ ବିଶେଷଜ୍ଞ ଟିମ୍ ଗଠନ କରାଯିବ। ଚଳିତଥର ସଂସ୍କୃତି ବିଭାଗ ପକ୍ଷରୁ ଧନୁଯାତ୍ରା ଡଟ୍ କମ୍ ନାମରେ ଏକ ସ୍ୱତନ୍ତ୍ର ପୋର୍ଟାଲ ଏବଂ ୱେବ୍‌ସାଇଟ୍ କରାଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ସୂରଜ ସୂଚନା ଦେଇଛନ୍ତି।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ପ୍ରତିଯୋଗିତାର ପୁରୁଷ ବର୍ଗରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ସଂଧ୍ୟା ୬ଟାରେ ହାଇଦ୍ରାବାଦ ତୋଫାନ୍ସ ଏବଂ ରାହ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମୁକାବିଲା ହେବ । ରାତି ୮ଟା ୧୫ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ସୁରମା ହକି କ୍ଲବ ପରସ୍ପରକୁ ଭେଟିବେ । ଦୁଇଟିଯାକ ମ୍ୟାଚ୍ ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ । ସୂଚନାଯୋଗ୍ୟ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଦିଲ୍ଲୀ ଏସ୍‌ଜି

ପାଇପର୍ସ ୪-୨ ଗୋଲ୍‌ରେ ଗୋନାସିକା ଦଳକୁ ପରାସ୍ତ କରିଥିଲା । ଫେବୃୟାରୀ ପହିଲା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ମ୍ୟାଚ୍‌ଗୁଡ଼ିକ ରାଉରକେଲା ଏବଂ ରାଞ୍ଚିଠାରେ ଖେଳାଯିବାକୁ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ପୁରୁଷ ବର୍ଗରେ ୮ଟି ଏବଂ ମହିଳା ବର୍ଗରେ ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି ।

**********************************